## ସଂକ୍ଷେପରେ

### ୨୦୦ ଗୋରୁଙ୍କୁ ଟିକାକରଣ

**କାମାକ୍ଷାନଗର , ୧୦।୮(ଡି.ଏନ.ଏ.):** କାମାକ୍ଷାନଗର ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ଅନୁଷ୍ଠାନର ସେବାଗ୍ରାମ ମଠସାହିରେ ପ୍ରାଣୀଧନ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋରୁଙ୍କୁ ବର୍ଷାଦିନିଆ ଫାଟୁଆ ରୋଗରୁ ସୁରକ୍ଷା ଦେବାଲାଗି 'ସାଇକରୁଣା' କାର୍ଯ୍ୟକ୍ରମ ଅନ୍ତର୍ଗତ ଟିକାକରଣ କରାଯାଇଥିଲା। ଶିବିରରେ ମଠସାହି ଏବଂ ମହୁଲପାଳ ଗ୍ରାମର ୬୩ ପରିବାରର ୨୦୦ ଗୋରୁଙ୍କୁ ପ୍ରତିଷେଧକ ଦିଆଯାଇଛି। ପ୍ରାଣୀଧନ ଚିକିତ୍ସାଳୟର ଡା. ସମାପିକା ସାହୁ, ଏଲ୍ଆଇ ମାନିନୀ ସୋରେନ୍, ଭୁବନ ବେହେରା, ଗୋ-ମିତ୍ର କମଳଲୋଚନ ନାୟକ ଟିକାକରଣ କରିଥିଲେ। ସଙ୍ଗଠନର ଜିଲା ସଭାପତି ରଶ୍ମିରଞ୍ଜନ ଦାଶ, କାମାକ୍ଷାନଗର ସମିତି ଆବାହକ ଆଦିତ୍ୟ ପ୍ରସାଦ କର, ମହୁଲପାଳ ଆବାହକ ଶରତ ଚନ୍ଦ୍ର ପଟ୍ଟନାୟକ, ସେବାଦଳର ରବିନାରାୟଣ ପଟ୍ଟନାୟକ, ଶୁଭ୍ରାଂଶୁ ନନ୍ଦ, ଆର୍ତ୍ତବନ୍ଧୁ ଦାସ, ଦିଲୀପ ସେଠୀଙ୍କ ସମେତ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

### ୧୦ ଆକ୍ରାନ୍ତ, ଜଣେ ମୃତ

**ଢେଙ୍କାନାଳ ଅଫିସ, ୧୦।୮:** ଢେଙ୍କାନାଳ ଜିଲାରୁ ଦିନକରେ ୧୦ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୨୩ ଜଣ ସୁସ୍ଥ ହୋଇଛନ୍ତି। ସେହିପରି ଜଣେ ସଂକ୍ରମିତଙ୍କ ମୃତ୍ୟୁ ଘଟିବା ପରେ ମୋଟ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୧୩୨ରେ ପହଞ୍ଚିଛି। ନୂଆ ସଂକ୍ରମିତଙ୍କ ମଧରେ ଢେଙ୍କାନାଳ ପୌରାଞ୍ଚଳର ୧, ସଦର ବ୍ଲକର ୩, ପରଜଙ୍ଗ ବ୍ଲକର ୨, ଓଡ଼ାପଡ଼ା ବ୍ଲକର ୧, ଗଁଦିଆ ବ୍ଲକର ୧, କାମାକ୍ଷାନଗର ବ୍ଲକର ୧ ଏବଂ ଚିକିତ୍ସାଳୟରୁ ଜଣେ ଅଛନ୍ତି। ଜିଲାରେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୧୮୧ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଯୁବ କଂଗ୍ରେସ ପ୍ରତିଷ୍ଠା ଦିବସ

**ଅନୁଗୋଳ ଅଫିସ, ୧୦।୮:** ଅନୁଗୋଳ ଜିଲା ଯୁବ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଙ୍ଗଠନ ସଭାପତି ଲୁଟୁ ରଞ୍ଜନ ଥାପା ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ କେନାଲ କୂଳରେ ଚାରାରୋପଣ କରାଯାଇଥିଲା। ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ସହରର ଅସହାୟ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ କାଉନ୍‌ସିଲର ବଳବୀର ସିଂ, ଜିଲା କଂଗ୍ରେସ କମିଟି ସଦସ୍ୟ ସଂଗ୍ରାମ ବେହେରା, ଯୁବ କଂଗ୍ରେସ ନେତା ଅଭିଷେକ ନାଏକ, ମହେନ୍ଦ୍ର ସେଠୀ, ଅସିତ୍ ନାଏକ, ଶୁଭଙ୍କର ବେହେରା, ସୌମ୍ୟ ସାହୁ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ।

### ୫୭ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୦।୮:** ଅନୁଗୋଳ ଜିଲାରୁ ମଙ୍ଗଳବାର ୫୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୩ ହଜାର ୫୫୮ ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧରେ ବଅଁରପାଳ ବ୍ଲକରୁ ୧୫ ଜଣ ଥିବାବେଳେ ଅନୁଗୋଳ ବ୍ଲକରୁ ୮, କିଶୋରନଗର ବ୍ଲକରୁ ୭, ତାଳଚେର ବ୍ଲକରୁ ୭, କଣିହାଁ ବ୍ଲକରୁ ୬, ପାଲଲହଡ଼ା ବ୍ଲକରୁ ୫, ଛେଣ୍ଡିପଦା ବ୍ଲକରୁ ୫, ଅନୁଗୋଳ ପୌରାଞ୍ଚଳରୁ ୩ ଓ ତାଳଚେର ପୌରାଞ୍ଚଳରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୮୨ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିପରି ଜିଲାରୁ ଆଉ ୨ଜଣଙ୍କ କରୋନାରେ ଜୀବନ ଯାଇଛି। ଏହାକୁ ମିଶାଇ ମୋଟ୍ ମୃତକଙ୍କ ସଂଖ୍ୟା ୨୭୪ରେ ପହଞ୍ଚିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ଜାତୀୟ ଶିକ୍ଷାନୀତି ବାତିଲ ହେଉ

**ଅନୁଗୋଳ ଅଫିସ, ୧୦।୮:** ଶିକ୍ଷା ବିରୋଧୀ ଜାତୀୟ ଶିକ୍ଷାନୀତି-୨୦୨୦କୁ ତୁରନ୍ତ ବାତିଲ କରିବା ଦାବିରେ ଏଆଇଡିଏସ୍ଓ ଅନୁଗୋଳ ଜିଲା କମିଟି ପକ୍ଷରୁ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଶିକ୍ଷାନୀତି-୨୦୨୦ର ନକଲ ପୋଡା ଯାଇଛି। ଜିଲା ସମ୍ପାଦକ ନାରାୟଣ ନାୟକ, ଜିଲା କମିଟି ସଭ୍ୟ ନିରୂପମା ନାୟକ, ଏଲିସା ଶୁଭଦର୍ଶନୀ, ଅର୍ଣ୍ଣପୂର୍ଣ୍ଣା ନାଏକ ପ୍ରମୁଖଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏହି ଶିକ୍ଷାନୀତି ପ୍ରାଥମିକ, ମାଧମିକ, ଉଚ୍ଚ ମାଧମିକ ଶିକ୍ଷାକୁ ଧ୍ୱଂସ କରିଦେବ ବୋଲି ବିକ୍ଷୋଭରେ ଛାତ୍ରନେତାମାନେ ଉଦ୍‌ବୋଧନ ଦେଇଥିଲେ। ସେହିପରି କଣିହାଁରେ ମଧ ଜିଲା ସଭାପତି ପରମାନନ୍ଦ ସାହୁଙ୍କ ନେତୃତ୍ୱରେ ଜାତୀୟ ଶିକ୍ଷାନୀତି-୨୦୨୦ର ନକଲ ପୋଡ଼ା ଯାଇ ପ୍ରତିବାଦ କରାଯାଇଥିଲା।

# ରୋଗୀ କଳବଳ, ଲୁଟୁଛନ୍ତି ଦଲାଲ



**ଭୁବନ, ୧୦।୮(ଡି.ଏନ୍.ଏ.)**

- ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଚଳାବସ୍ଥା
- ୩ ମାସ ହେଲା ଡେପୁଟେଶନରେ ଟେକ୍ନିସିଆନ
- ହୋଇପାରୁନି ନମୁନା ପରୀକ୍ଷା
- ରୋଗୀଙ୍କୁ ଶୋଷୁଛନ୍ତି ଦଲାଲ, ପାଥୋଲାବ୍

କରୋନା ମହାମାରୀ ସମୟରେ ବଢ଼ିଛି ସ୍ୱାସ୍ଥ୍ୟସେବାର ଗୁରୁତ୍ୱ। କେବଳ କୋଭିଡ୍ ନୁହେଁ, ଅନ୍ୟ ରୋଗୀମାନଙ୍କ ଚିକିତ୍ସାରେ ଯେପରି କୌଣସି ଅବହେଳା ନ ହୁଏ ; ସେଥିଲାଗି ଗୁରୁତ୍ୱ ଦେବାଲାଗି ସରକାର ଜୋର୍ ଦେଉଛନ୍ତି। ହେଲେ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବାର ପ୍ରାଣକେନ୍ଦ୍ର କୁହାଯାଉଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଡାକ୍ତର, କର୍ମଚାରୀ ଏବଂ ଆନୁଷଙ୍ଗିକ ଭିତ୍ତିଭୂମିର ଅଭାବ ସ୍ୱାସ୍ଥ୍ୟସେବାକୁ ଦୋହଲାଇ ଦେଇଛି, ଯାହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲାର ବହୁ ପୁରାତନ ଭୁବନ ଡାକ୍ତରଖାନାରେ। ୩ମାସ ହେଲା ଟେକ୍ନିସିଆନ ପଦବୀରେ କେହି ନ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ନମୁନା ପରୀକ୍ଷଣ ବନ୍ଦ ରହିଛି। ଏହାର ସୁଯୋଗରେ ଦଲାଲ ଏବଂ ପାଥୋଲାବଗୁଡ଼ିକ ରୋଗୀଙ୍କୁ ଶୋଷଣ କରୁଛନ୍ତି।

ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକ ଅଧୀନ ୧୮ ପଞ୍ଚାୟତ ମଧ୍ୟରୁ ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତ, ଏନ୍‌ଏସିର ୧୫ ୱାର୍ଡ, ଗଁଦିଆ ବ୍ଲକ ସମେତ ସୀମାନ୍ତ ଯାଜପୁର ଏବଂ କେନ୍ଦୁଝର ଜିଲାର ଅଞ୍ଚଳବାସୀ ନିର୍ଭରଶୀଳ। ତେବେ ଦୀର୍ଘଦିନ ହେଲା ଭେଷଜ ବିଶେଷଜ୍ଞ, ଅସ୍ତ୍ରୋପଚାର, ଶିଶୁ ବିଶେଷଜ୍ଞ ପଦବୀ ଖାଲି ପଡ଼ିଛି। ଫାର୍ମାସିଷ୍ଟ, ୨ ଆଟେଣ୍ଡାଣ୍ଟ ଭଳି ସହାୟକ ପଦବୀରେ କେହିନାହାନ୍ତି। ନମୁନା ପରୀକ୍ଷଣ ଲାଗି ମୋଟ ୨ ଟେକ୍ନିସିଆନ ପଦବୀ ଥିବାବେଳେ ଜଣକରେ କାମ ଚାଲୁ ରହିଥିଲା। ଏଠାରେ ନିୟୋଜିତ ଏକମାତ୍ର ଟେକ୍ନିସିଆନଙ୍କୁ ୩ମାସ ହେଲା ଡେପୁଟେଶନରେ ଢେଙ୍କାନାଳ ପଠାଇ ଦିଆଯାଇଥିବାବେଳେ ଏବେ ଏହି ବିଭାଗରେ ତାଲା ଝୁଲୁଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ୧୦୦ରୁ ଅଧିକ ନମୁନା ପରୀକ୍ଷଣ ବିନାଦେୟରେ କରାଯାଉଥିଲା। ଏବେ ଦୂରଦୂରାନ୍ତରୁ ଆସୁଥିବା ଗରିବ ରୋଗୀମାନେ ପରୀକ୍ଷଣ ଲାଗି ବାହାର ପାଥୋଲାବ୍ ଉପରେ ନିର୍ଭର କରୁଛନ୍ତି। ଏଥିରେ ବହୁ ଟଙ୍କା ଖର୍ଚ୍ଚ ହେଉଥିଲେ ହେଁ ଅନେକ ସମୟରେ ରିପୋର୍ଟ ତ୍ରୁଟିପୂର୍ଣ୍ଣ ଆସୁଥିବା ଅଭିଯୋଗ ମଧ ହେଉଛି। ବାରମ୍ବାର ଦାବି ସତ୍ତ୍ୱେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖାଲି ପଡ଼ିଥିବା ପଦବୀ ପୂରଣ ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ରୋଗୀମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତୁରନ୍ତ ଏହାର ପ୍ରତିକାର କରିବାକୁ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସକ ଡା. ରମେଶ ଚନ୍ଦ୍ର ସାହୁ କୁହନ୍ତି, କର୍ମଚାରୀ ଅଭାବରୁ ସେବା ପ୍ରଭାବିତ ହେଉଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଯାଇଥିବା ସେ ସୂଚନା ଦେଇଛନ୍ତି।

### ଗରିବ ରୋଗୀ ଖର୍ଚ୍ଚାନ୍ତ ହେଉଛନ୍ତି



"ଦେହ ଅସୁସ୍ଥ ଥିବାରୁ ଡାକ୍ତରଖାନା ଆସିଥିଲି। ଟେକ୍ନିସିଆନ ନ ଥିବାରୁ ରକ୍ତ ପରୀକ୍ଷା ହୋଇପାରିଲାନାହିଁ। ବିନାଦେୟରେ ହେଉଥିବା ରକ୍ତ ପରୀକ୍ଷା କରିବା ଲାଗି ବାହାରେ ୪୫୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଲା। ଆବଶ୍ୟକ କର୍ମଚାରୀ ନ ଥିବାରୁ ଗରିବ ରୋଗୀ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଏଥିପ୍ରତି ଜିଲା ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟିଦେବା ଜରୁରୀ ହୋଇପଡ଼ିଛି।

**-ଗଣେଶ୍ୱର ବେହେରା, ଜୟପୁର**

### ସ୍ୱାସ୍ଥ୍ୟ ବିଭାଗର ଆନ୍ତରିକତା ଅଭାବ



"ଭୁବନ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀ ଅଭାବ ସମସ୍ୟା ଦୂର କରିବାରେ ସ୍ୱାସ୍ଥ୍ୟ ବିଭାଗର ଆନ୍ତରିକତାର ଅଭାବ ଥିବା ଜଳଜଳ ହୋଇ ଦେଖାଯାଉଛି। ଜନପ୍ରତିନିଧିମାନେ ମଧ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଜିଲା ପ୍ରଶାସନ ନିକଟରେ ଉପସ୍ଥାପନ କରୁନାହାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଟେକ୍ନିସିଆନ ନ ଥିବାରୁ ପାଥୋଲାବ୍‌ଗୁଡ଼ିକ ରୋଗୀଙ୍କୁ ଶୋଷଣ କରୁଛନ୍ତି।

**-ଚନ୍ଦନ କୁମାର ପ୍ରଧାନ ଅସୁରବନ୍ଧ**

# ୨ ଶିଶୁଙ୍କୁ ପୋଷ୍ୟ ଗ୍ରହଣ କଲେ ଇଟାଲୀୟ ଦମ୍ପତି




ପୋଷ୍ୟ ସନ୍ତାନ ଗ୍ରହଣ ଅବସରରେ ଇଟାଲୀୟ ଦମ୍ପତି।

**ଢେଙ୍କାନାଳ ଅଫିସ, ୧୦।୮**

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ଶାଖାରେ ରହୁଥିବା ଦୁଇ ଅନାଥ ଭଉଣୀଭାଇଙ୍କୁ କୋଳାଇ ନେଇଛନ୍ତି ଇଟାଲୀୟ ଦମ୍ପତି ରବର୍ଟ ଏବଂ ଇଡା। ସୋମବାର ଏଥିଲାଗି ଆବଶ୍ୟକ ସମସ୍ତ କାଗଜପତ୍ର କାର୍ଯ୍ୟ ଶେଷ ହୋଇଛି।

ସୂଚନାଯୋଗ୍ୟ, ସମ୍ପୃକ୍ତ ୭ ବର୍ଷୀୟା ଭଉଣୀ ଏବଂ ୯ ବର୍ଷୀୟ ଭାଇ ମା'ବାପା ଛେଉଣ୍ଡ। ଉଭୟେ ଦୀର୍ଘଦିନ ହେଲା ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ଶାଖାରେ ରହିଆସୁଥିଲେ। କିଶୋର ନ୍ୟାୟ ଆଇନ-୨୦୧୫ ଅନୁଯାୟୀ ଉଭୟଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଇଚ୍ଛା ବ୍ୟକ୍ତ କରିଥିଲେ ସମ୍ପୃକ୍ତ ଇଟାଲୀୟ ଦମ୍ପତି। ଏ ନେଇ ସେମାନେ ଦିଲ୍ଲୀସ୍ଥିତ ଅଥରାଇଜ୍ ଫରେନ୍ ଆଡପ୍‌ଶନ ଏଜେନ୍ସିର ସହଯୋଗ ନେଇଥିଲେ। ଶିଶୁଗୃହରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ ଉପସ୍ଥିତ ରହି କୋର୍ଟ ଅର୍ଡର, ଜନ୍ମ ପ୍ରମାଣପତ୍ର, ଶିକ୍ଷାଗତ ପ୍ରମାଣପତ୍ର, ପାସ୍‌ପୋର୍ଟ, ଆର୍‌ଟି-ପିସିଆର ନେଗେଟିଭ୍ ରିପୋର୍ଟ ସହ ପିଲାଙ୍କୁ ହସ୍ତାନ୍ତର କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ରବର୍ଟ ଏବଂ ଇଡା ଭାତ, ଡାଲମା, ଶାଗଭଜା, କଲରା ଭଜା, ଖଟା, ପାମ୍ପଡ, ବଡିଚୁରା, ଆମ୍ବ ଖାଇବା ସହ ପଇଡ଼ ପିଇ ଖୁସିବ୍ୟକ୍ତ କରିଥିଲେ। ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ପ୍ରତାପ କୁମାର ଆଚାର୍ଯ୍ୟ, ସଭ୍ୟ ନିରଞ୍ଜନ ମିଶ୍ର ଉଭୟଙ୍କୁ ପିପିଲି ଚାନ୍ଦୁଆ ପ୍ରଦାନ କରିଥିଲେ। ସମ୍ପାଦକ ପ୍ରଦୀପ କୁମାର ସାହୁ, ସଂଯୋଜକ ବିଭୂତି ଭୂଷଣ ଦାସ, ଦୀନେଶ ଦାସ, ସଞ୍ଜୟ ବେହେରା, ଶୈଳବାଳା ସ୍ୱାଇଁ, ବନଜ୍ୟୋସ୍ନା ମହାନ୍ତି, ଅର୍ଚ୍ଚନା ବାରିକ, ଯଶ୍ମିତା ପଣ୍ଡା, କାଜଲ ସାହୁ, ସଂଘମିତ୍ରା ରାଉତ, ପ୍ରେମାନନ୍ଦ ବେହେରା, ତୃପ୍ତିରଞ୍ଜନ ମିଶ୍ର, ଚିତ୍ତରଞ୍ଜନ ମିଶ୍ର, ସରୋଜ ସାହୁ, କୈଳାସ ହେମ୍ବ୍ରମ୍ ପ୍ରମୁଖ ଉପସ୍ଥିତ ଥିଲେ।

# କରଡ଼ାବଣିରେ ପହଞ୍ଚିଲା ପ୍ରଶାସନ



## ନିର୍ମାଣ ହେବ ସବୁଦିନିଆ ରାସ୍ତା

**କାମାକ୍ଷାନଗର, ୧୦।୮(ଡି.ଏନ.ଏ.)**

କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତ କରଡ଼ାବଣି ଗ୍ରାମ କଳାମାଟି ସାହିରୁ ଜନନୀ ଯନ୍ତ୍ରଣାର ବିକଳ ଚିତ୍ର ପଦାକୁ ଆସିବା ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ମଙ୍ଗଳବାର ବିଡିଓ ବିକାଶ କୁମାର ମହାନ୍ତି ଗାଁକୁ ଯାଇ ଗମନାଗମନର ବାସ୍ତବ ସ୍ଥିତି ପରଖିଛନ୍ତି। ବିଡିଓ ବିଭାଗୀୟ ଅଧିକାରୀଙ୍କ ସହିତ ବଡ଼କଷ୍ଟରେ ଗ୍ରାମରେ ପହଞ୍ଚି ରାମିଆଳ ନଦୀ ଆଖପାଖ ଅଞ୍ଚଳ ପରିଦର୍ଶନ କରିଥିଲେ। ଗ୍ରାମବାସୀଙ୍କ ସୁବିଧା ଲାଗି ଖୁବ୍‌ଶୀଘ୍ର ପକ୍କା ରାସ୍ତା ନିର୍ମାଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ଟିମ୍‌ରେ ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ ମହାରଣା, କନିଷ୍ଠ ଯନ୍ତ୍ରୀ ଗିରୀଶ ବିହାରୀ ଦାସ, ଜିଲା ପରିଷଦ ସଭ୍ୟ ପ୍ରେମାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଆଦିବାସୀ ଅଧ୍ୟୁଷିତ କରଡ଼ାବଣି ଗ୍ରାମରେ ୬୦ରୁ ଊର୍ଦ୍ଧ୍ୱ ପରିବାର ବାସ କରୁଛନ୍ତି। ବାଉଁଶପାଳ ପଞ୍ଚାୟତ ଟାସିରି ଯାଏ ଗମନାଗମନ ଅନୁପଯୋଗୀ ଜଙ୍ଗଲ ରାସ୍ତାକୁ ବ୍ୟବହାର କରିବା ଲାଗି କରଡ଼ାବଣି ଗ୍ରାମବାସୀଙ୍କୁ ଗୋଷ୍ଠୀଗତ ଅଧିକାର ଦିଆଯାଇଛି। ଟାସିରି ମାଝିସାହି ଦେଇ କରଡ଼ାବଣିକୁ ସବୁଦିନିଆ ରାସ୍ତା ତିଆରି କରିବା ଲାଗି ଗ୍ରାମବାସୀ ଦାବି କରିଥିଲେ। ରାସ୍ତା ନିର୍ମାଣ ହେଲେ ଅଞ୍ଚଳବାସୀଙ୍କ ଜୀବନଧାରଣମାନରେ ଉନ୍ନତି ଆସିବ। କାମାକ୍ଷାନଗର ବ୍ଲକ ସଦର ସହ ଯୋଗାଯୋଗ ସୁଗମ ହୋଇପାରିବ। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ କହିଛନ୍ତି।

ସୂଚନାଯୋଗ୍ୟ, କରଡ଼ାବଣି ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ। ଦୁଇଦିନ ତଳେ କଳାମାଟି ସାହିର ଓକିଲ ହେମ୍ବ୍ରମଙ୍କ ସ୍ତ୍ରୀ ଜୁମୁନି (୧୯) ଗର୍ଭଯନ୍ତ୍ରଣା ଭୋଗୁଥିବାବେଳେ ପରିବାର ଲୋକେ ତାଙ୍କୁ ଭାରରେ ବୋହି ଡାକ୍ତରଖାନା ଆଣୁଥିଲେ। ରାମିଆଳ ନଦୀ ପାର୍ ହେଉଥିବାବେଳେ ତାଙ୍କର ପ୍ରସବ ହୋଇଯାଇଥିଲା। ଏହି ଘଟଣା ବିଭିନ୍ନ ଗଣମାଧମରେ ପ୍ରକାଶ ପାଇବା ପରେ ଭାଜପା ନେତା ଶତ୍ରୁଘ୍ନ ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହିତ ପ୍ରଶାସନକୁ ଦୃଢ଼ ନିନ୍ଦା କରିଥିଲେ।

# ପୋଲିସର ମାମଲା ରୁଜୁକୁ ନିନ୍ଦା

**ଅନୁଗୋଳ ଅଫିସ, ୧୦।୮**

ଢେଙ୍କାନାଳ ଜିଲା ଓକିଲ ସଂଘ ସଭାପତି ଓ ଜଣେ ଆଇନଜୀବୀଙ୍କ ବିରୋଧରେ ଟାଉନ ଥାନା ଅଧିକାରୀ ମାମଲା ରୁଜୁ କରିବା ଘଟଣାକୁ ଅନୁଗୋଳ ଓକିଲ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଅନୁଗୋଳ ଓକିଲ ସଂଘର ଏକ ଜରୁରୀ ବୈଠକ ଉପସଭାପତି ନିରୋଦ କୁମାର ମିଶ୍ରଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଓକିଲ ଓ ପୋଲିସ ମଧରେ ସୁସମ୍ପର୍କ ରଖିବା ପାଇଁ ପ୍ରଶାସନ କହୁଥିଲେ ମଧ ପରୋକ୍ଷରେ ଓକିଲମାନଙ୍କ ବିରୋଧରେ ଏଭଳି ମିଥ୍ୟା ଅଭିଯୋଗ କରିବା ଶୁଭଙ୍କର ନୁହେଁ ବୋଲି ବୈଠକରେ ଆଇନଜୀବୀମାନେ ମତ ଦେଇଥିଲେ। ଅନ୍ୟମାନଙ୍କ ମଧରେ ସଂଘ ସଦସ୍ୟ ସୋମନାଥ ରାଉତ, ସହସମ୍ପାଦକ ଧର୍ମେନ୍ଦ୍ର ମିଶ୍ର, କୋଷାଧକ୍ଷ ନୀଳକଣ୍ଠ ନାଏକ, ପ୍ରଦୀପ୍ତ କିଶୋର ସାହୁ, ପ୍ରଦୀପ ଦେବତା, ସୁବାସ ମିଶ୍ର, ସୁଶୀଲ ପ୍ରଧାନ, ଗୋପାଳ ନାଥ, ଅମୂଲ୍ୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଃଖ ଜଣାଇଲେ କଳାକାର



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଧାୟିକାଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ସାତମାଇଲ, ୧୦।୮(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପାଲା ଗାୟକ ସଂଘ ଏବଂ ସତ୍ୟଶକ୍ତି ମଣ୍ଡଳର କର୍ମକର୍ତ୍ତାମାନେ ରବିବାର ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କୁ ଭେଟି ସମସ୍ୟା ଜଣାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଧାୟିକାଙ୍କୁ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା।

ମହାମାରୀ ସମୟରେ ଜାରି କଟକଣା କଳା ଜଗତକୁ ଦୋହଲାଇ ଦେଇଛି। ଓଡ଼ିଆ ସଂସ୍କୃତକୁ ପରପିଢ଼ି ନିକଟରେ ପହଞ୍ଚାଉଥିବା ବହୁ କଳାକାର ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ସମ୍ପୃକ୍ତ କଳାକାର ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ରାଜ୍ୟ ନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ସଂଘର ନିଷ୍ପତ୍ତି କ୍ରମେ ଏହି ଦାବିପତ୍ର ପ୍ରଦାନ କରାଯାଇଥିବା ଜିଲା ସତ୍ୟଶକ୍ତି ମଣ୍ଡଳର ସ୍ଥାୟୀ ସଭାପତି ବିଚିତ୍ରାନନ୍ଦ ପଟ୍ଟନାୟକ କହିଛନ୍ତି। ସମ୍ପାଦକ ଡ. ଧର୍ମାନନ୍ଦ ପୃଷ୍ଟି, କୋଷାଧକ୍ଷ ରମେଶ ଚନ୍ଦ୍ର ବିଶ୍ୱାଳ, ହିନ୍ଦୋଳ ମଣ୍ଡଳ ସମ୍ପାଦକ ଅଖିଳ ବେହେରା, ଓଡାପଡା ମଣ୍ଡଳ ସଭାପତି ଦୟାନନ୍ଦ ରାଉତରାୟ, ସମ୍ପାଦକ କୁଳମଣି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# 'ସୋସିଆଲ ମିଡିଆରେ ସକ୍ରିୟ ହୁଅ'



ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

**ଢେଙ୍କାନାଳ ଅଫିସ, ୧୦।୮**

ଢେଙ୍କାନାଳ ଜିଲାରେ ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ଛାତ୍ର ବିଜେଡି କାର୍ଯ୍ୟକର୍ତ୍ତା ସମ୍ମିଳନୀ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ରତ୍ନମଣ୍ଡପରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଢେଙ୍କାନାଳ ପୌରାଞ୍ଚଳ ଏବଂ ସଦର ବ୍ଲକର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନଗର ସଭାପତି ସୋନୁରାମ ସିଂଙ୍କ ସଭାପତିତ୍ୱରେ ଜିଲା ପର୍ଯ୍ୟବେକ୍ଷକ ତଥା ଯୁବ କଲ୍ୟାଣ ବୋର୍ଡ ଅଧକ୍ଷ ବିଜୟ ନାୟକ, ଜିଲା ଛାତ୍ର ବିଜେଡି ପର୍ଯ୍ୟବେକ୍ଷକ ପ୍ରଦୋଷ ପରିଡ଼ା ଉପସ୍ଥିତ ରହି ସୋସିଆଲ ମଡିଆ ପ୍ଲାଟଫର୍ମରେ ସକ୍ରିୟ ରହିବା, ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନରେ ସଙ୍ଗଠିତ ହୋଇ କାର୍ଯ୍ୟ କରିବାକୁ ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର ଗୁରୁତ୍ୱାରୋପ କରିଥିଲେ।

ବିଧାୟକଙ୍କ ପ୍ରତିନିଧି ଦେବାଶିଷ ମିଶ୍ର, ବିନୋଦ ମହାନ୍ତି, ବିଶ୍ୱରଞ୍ଜନ ସାହୁ, ଶ୍ରୀକାନ୍ତ ଧଳ, ଦୀପ୍ତିମୟୀ ସାହୁ, ସୁଶୀଲ ଗୋଛାୟତ, ସୂର୍ଯ୍ୟକାନ୍ତ ପରିଡ଼ା, ଆଶୁତୋଷ କର, ପାର୍ଥ ଦତ୍ତ, ସୌମ୍ୟରଞ୍ଜନ ମହାନ୍ତି, ଅଭିଳାଷ ସାହୁ, ଅରୁଣ ନାୟକ, ଶିବାୟ ସିଂ, ମାନସ ପାଣି, ଓମ୍ ପ୍ରକାଶ, କୁନା ସାହୁ, ଜୟନ୍ତ ମହାଭୋଇ, ସେକ୍ ସୁଲେମାନ୍, ଦେବାଶିଷ ମହାନ୍ତି, ଧନଞ୍ଜୟ ମଲ୍ଲିକ, ସୁବ୍ରତ ସ୍ୱାଇଁ, ସୋମ୍ୟରଞ୍ଜନ ସାହୁ, ଅମିତ୍ ପଣ୍ଡା, ପ୍ରଣବ ନାୟକ, ଶ୍ରୀକାନ୍ତ ନାୟକ, ସନ୍ତୋଷ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସଦର ବ୍ଲକ ଛାତ୍ର ବିଜେଡି ସଭାପତି ଜଗନ୍ନାଥ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ନୂତନ ସ୍ଥାନରେ ଶ୍ରେଣୀଗୃହ ନିର୍ମାଣକୁ ବିରୋଧ

**ବଇଣ୍ଡା,୧୦।୮(ଡି.ଏନ.ଏ.)**

କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ନିର୍ମାଣ ନିମନ୍ତେ ଚିହ୍ନଟ ହୋଇଥିବା ଜମିକୁ ନେଇ ବିବାଦ ଦେଖାଯାଇଛି। ବିଦ୍ୟାଳୟ ନିକଟରେ ଥିବା ସରକାରୀ ଜମିରେ ଏହା ନିର୍ମାଣ କରା ନ ଯାଇ ୫୦୦ ମିଟର ଦୂର ହାଇସ୍କୁଲରେ ନିର୍ମାଣ କରାଯିବାକୁ ପ୍ରଶାସନିକ ସ୍ତରରେ ଜମି ଚିହ୍ନଟ କରାଯାଇଛି। ଏହାକୁ ଅଭିଭାବକ ଓ ଗ୍ରାମବାସୀ ଦୃଢ଼ ବିରୋଧ କରିଛନ୍ତି। ଉକ୍ତ ବିଦ୍ୟାଳୟ ସ୍ଥାନାନ୍ତର ହେଲେ ଆନ୍ଦୋଳନ କରାଯିବ ବୋଲି ବଇଣ୍ଡା ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ସୋମବାର ଅନୁଗୋଳ ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି।

ମୋ ସ୍କୁଲ ଅଭିଯାନ କମିଟି ସଭାପତି ଭଗବାନ ଘିୱାଲାଙ୍କ ନେତୃତ୍ୱରେ ଜିତେନ୍ଦ୍ର କୁମାର ବେହେରା, ରମାକାନ୍ତ ବେହେରା, ଅରବିନ୍ଦ ସାହୁ, ରମେଶ କୁମାର ବେହେରା ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ରାସ୍ତା କଡରେ ଏହି ବିଦ୍ୟାଳୟ ପଡୁଛି। ରାସ୍ତା ସମ୍ପ୍ରସାରଣ ପାଇଁ ବିଦ୍ୟାଳୟ କ୍ଷତିଗ୍ରସ୍ତ ହେଉଥିବାରୁ ନୂତନ ବିଦ୍ୟାଳୟ ନିର୍ମାଣ ପାଇଁ ଜମି ଚିହ୍ନଟ ଆରମ୍ଭ ହୋଇଛି। ଏହି ଅଞ୍ଚଳରୁ ୨୦୧୮ରୁ ଉଚ୍ଛେଦ କାର୍ଯ୍ୟ ହୋଇଥିବା ବେଳେ ବିଦ୍ୟାଳୟ ନିର୍ମାଣରେ ଠିକାସଂସ୍ଥା ବିଳମ୍ବ କରୁଛି। ପୂର୍ବରୁ ଚିହ୍ନଟ ହୋଇଥିବା ଜମିରେ ନିର୍ମାଣ ନ କରି ବଇଣ୍ଡା ହାଇସ୍କୁଲରେ ଥିବା ଏକ ଛୋଟ ଜମିରେ ଶ୍ରେଣୀଗୃହ ନିର୍ମାଣ ପାଇଁ ଯୋଜନା କରାଯାଉଛି। ଏହାଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ପ୍ରାଥମିକ ବିଦ୍ୟାଳୟ ପଛ ପାଖରେ ନୁନୁକାପଶି ମୌଜାର ୩୯ ଡିସିମିଲି ଜମି ରହିଛି। ତାହାକୁ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରିଥିବାବେଳେ ପ୍ରଶାସନ ପକ୍ଷରୁ ପ୍ରଥମେ ସେଠାରେ ଶ୍ରେଣୀଗୃହ ନିର୍ମାଣ ପାଇଁ ଜମି ଚିହ୍ନଟ କରାଯାଇଥିଲା। କିନ୍ତୁ କୌଣସି କାରଣବଶତଃ ପ୍ରଶାସନ ଉକ୍ତ ଚିହ୍ନଟ ସ୍ଥାନ ଛାଡ଼ି ହାଇସ୍କୁଲ ନିକଟ ଜମିରେ ବିଦ୍ୟାଳୟ ନିର୍ମାଣ କରିବାକୁ ଯୋଜନା କରୁଥିବା ଅଭିଯୋଗ ହେଉଛି। ଏପରି କରାଗଲେ ଅଭିଭାବକ ଓ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଅଭିଯୋଗପତ୍ରରେ ଚେତାବନୀ ଦେଇଛନ୍ତି। ଏ ନେଇ କିଶୋରନଗର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର କହିଛନ୍ତି, ଗ୍ରାମବାସୀଙ୍କ ଦାବିକୁ ତର୍ଜମା କରାଯିବା ସହ ପଦକ୍ଷେପ ନିଆଯିବ।




କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟ।

# ଦୁର୍ଘଟଣାରେ ସାଇକେଲ ଆରୋହୀ ମୃତ

**ମାଧପୁର,୧୦।୮**

ଆଠମଲ୍ଲିକ-କିଆକଟା ପୂର୍ତ୍ତ ରାସ୍ତାର କନ୍ଧପଡା ନିକଟରେ ମଙ୍ଗଳବାର ଏକ ବାଇକ୍ ସହ ଧକ୍କା ଲାଗିବାରୁ ସାଇକେଲ ଆରୋହୀ ଈଶ୍ୱର ନାୟକ (୬୦)ଙ୍କ ମୃତ୍ୟୁ ହୋଇଛି। ସାଇକେଲରେ ବସିଥିବା ତାଙ୍କ ଝିଅ ଓ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ଅପରାହ୍ନରେ କନ୍ଧପଡା ଗ୍ରାମର ଈଶ୍ୱର ଝିଅଙ୍କୁ ସାଇକେଲରେ ଧରି କୌଣସି କାର୍ଯ୍ୟରେ ମାଧପୁର ବଜାର ଅଭିମୁଖେ ଯାଉଥିଲେ। ଏହି ସମୟରେ ସମ୍ମୁଖରୁ ବାଇକ୍‌ରେ ଆସୁଥିବା କନ୍ଧପଡା ଗ୍ରାମର ଜନ୍ମେଜୟ ସାହୁ ସାଇକେଲକୁ ଧକ୍କା ଦେଇଥିଲେ। ଏଥିରେ ଈଶ୍ୱର, ଜନ୍ମେଜୟ ଗୁରୁତର ହୋଇଥିବା ବେଳେ ଝିଅ ଝିନା ନାୟକ ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ୩ଜଣଙ୍କୁ ନିକଟସ୍ଥ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଦୁଇ ଗୁରୁତରଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଈଶ୍ୱରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବାଇକ ଚାଳକ ଜନ୍ମେଜୟଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ଲେଖା ହେବା ବେଳକୁ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡିଛି।

**ସଂକ୍ଷେପରେ**

## ପାଇପରେ ପଶୁଛି ନର୍ଦ୍ଦମା ଜଳ




ଖମାର,୧୦।୮(ଡି.ଏନ.ଏ.): ପାଲଲହଡ଼ା ବ୍ଲକ କୁଞ୍ଜାମ ପଞ୍ଚାୟତ ଛାଞ୍ଚୁଣିଆ ଗ୍ରାମରେ ଥିବା ପାନୀୟ ଜଳ ପ୍ରକଳ୍ପର ରକ୍ଷଣାବେକ୍ଷଣ ହେଉନାହିଁ। ଏଠାରେ ଥିବା ଜଳ ପ୍ରକଳ୍ପ ଉପରେ ୫ଶହରୁ ଅଧିକ ଲୋକ ନିର୍ଭର କରନ୍ତି। କିନ୍ତୁ ଦୀର୍ଘ ୧୦ ବର୍ଷ ହେଲା ଗ୍ରାମର ୧୦ଟି ପରିବାର ଏହି ବିଶୁଦ୍ଧ ଜଳ ପାଇପାରୁ ନାହାନ୍ତି। ଫଳରେ ସେମାନେ ବାଧ ହୋଇ କୂଅ, ପୋଖରୀ ଓ ନଳକୂପ ଉପରେ ନିର୍ଭର କରି ଚଳୁଛନ୍ତି। ସେହିପରି ରକ୍ଷଣାବେକ୍ଷଣ ଅଭାବରୁ ପମ୍ପ ଘରଟି ଫାଟି ଭାଙ୍ଗିବା ଅବସ୍ଥାରେ ପହଞ୍ଚିଗଲାଣି। ବିଭିନ୍ନ ସ୍ଥାନରେ ପାଇପ ଗୁଡିକ ଫାଟି ଯାଇଥିବାରୁ ସେଥିରେ ନାଳ ନର୍ଦ୍ଦମା ପାଣି ପଶିଯାଉଛି। ଏହି ପାଣି ଲୋକଙ୍କ ଘରକୁ ଯୋଗାଣ ହେଉଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟପ୍ରତି ବିପଦ ଆଶଙ୍କା ରହିଛି। ପାଣି ଦୁର୍ଗନ୍ଧ ହେଉଥିଲେ ମଧ ଅନ୍ୟ ଉପାୟ ନ ପାଇ ଲୋକେ ତାହାକୁ ବ୍ୟବହାର କରୁଛନ୍ତି। ଶୀଘ୍ର ଏହାର ମରାମତି ସହ ପାଇପ୍ ଜଳରୁ ବଞ୍ଚିତ ୧୦ଟି ପରିବାରକୁ ବିଶୁଦ୍ଧ ପାଣି ଯୋଗାଇ ଦେବାର ବ୍ୟବସ୍ଥା କରାଯାଉ ବୋଲି ଗ୍ରାମ ସଭାପତି ଧୋବା ସାହୁ ଦାବି କରିଛନ୍ତି।

## ଯୁବକଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୧୦।୮(ଡି.ଏନ.ଏ.): ଅନୁଗୋଳ ଜିଲା କିଶୋରନଗର ଥାନା ଝାରବନ୍ଧଲି ବ୍ରିଜ୍ ନିକଟରେ ରବିବାର ସନ୍ଧ୍ୟାରେ ବୁଢୁଲିମୁଣ୍ଡା ଗ୍ରାମର ଅଜୟ ବେହେରାଙ୍କୁ ତୁରୁଡା ଗ୍ରାମର ଭାରତ ଭୂଷଣ ପ୍ରଧାନ ମାଡ଼ ମାରିବା ସହ ଜାତିଆଣ ଆପେକ୍ଷ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଅଜୟ ତାଙ୍କ ସହଯୋଗୀ ତୁରୁଡା ଗ୍ରାମର ଜିତେନ୍ଦ୍ର କୁମାର ସାହୁଙ୍କ ସହ ଏକ ବାଇକ୍ ଯୋଗେ ଯାଉଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଭାରତଭୂଷଣ ସେମାନଙ୍କୁ ଅଟକାଇବା ସହ ଅଜୟଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଅଜୟଙ୍କ ଅଭିଯୋଗକୁ ଭିତ୍ତିକରି ଏ ସଂକ୍ରାନ୍ତରେ ନମ୍ବର ୧୧୯/୨୧ରେ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ କରାଯାଉଥିବା ପୋଲିସ ପ୍ରକାଶ କରିଛି।

## ବଳାତ୍କାର ଅଭିଯୁକ୍ତ ଗିରଫ

ପାଲଲହଡ଼ା,୧୦।୮(ଡି.ଏନ.ଏ.): ପାଣି ପିଇବା ବାହାନାରେ ଅନୁଗୋଳ ଜିଲା ପାଲଲହଡ଼ା ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଘରକୁ ପଶି ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଏହି ଘଟଣା ୪ ମାସ ତଳେ ଘଟିଥିଲେ ମଧ ଭୟରେ ଯୁବତୀ ଜଣକ କାହା ଆଗରେ ପ୍ରକାଶ କରି ନ ଥିଲେ। ହେଲେ ୪ ମାସର ଗର୍ଭବତୀ ଥିବା ଜାଣିବା ସହ ଗର୍ଭପାତ ପାଇଁ ଅଭିଯୁକ୍ତ ଧମକ ଦେଉଥିବାରୁ ସେ ଥାନାରେ ଅଭିଯୋଗ କରିଛନ୍ତି। ପାଲଲହଡ଼ା ପୋଲିସ ନଂ. ୨୦୧/୨୧ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ କିଶୋର କୁମାର ସାମଲ ପ୍ରକାଶ କରିଛନ୍ତି।

## ବାଇକ୍ ଛାଡ଼ି ଦୁର୍ବୃତ୍ତ ଫେରାର



ପାଲଲହଡ଼ା,୧୦।୮(ଡି.ଏନ.ଏ.): ଅନୁଗୋଳ ଜିଲା ପାଲଲହଡ଼ା ଥାନା ଡିମିରିଆ ଭେଜିପଦା ଗ୍ରାମରୁ ଚୋରି ବେଳେ ପରିବାର ଲୋକେ ଉଠିପଡ଼ିବାରୁ ଧରାପଡ଼ିବା ଭୟରେ ଦୁର୍ବୃତ୍ତମାନେ ବାଇକ୍ ଛାଡ଼ି ଫେରାର ହୋଇଯିବା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁସାରେ, ଭେଜିପଦା ଗ୍ରାମର ମମତା ମହାନ୍ତଙ୍କ ଘରେ ରାତି ପ୍ରାୟ ୩ଟାରେ କେତେଜଣ ଦୁର୍ବୃତ୍ତ ଚୋରି କରିବାକୁ ପଶିଥିଲେ। ତେବେ କିଛି ଶବ୍ଦ ଶୁଣି ପରିବାର ଲୋକେ ଉଠିପଡ଼ି ପାଟି କରିବାରୁ ଗହଣା ଓ ଟଙ୍କା ନେଇଯାଇଥିବା ଦୁର୍ବୃତ୍ତମାନେ ଆସିଥିବା ବାଇକ୍ ପାଖକୁ ଯାଇ ନ ପାରି ନିକଟସ୍ଥ ଜଙ୍ଗଲ ଆଡ଼କୁ ଦୌଡ଼ି ପଳାଇ ଯାଇଥିଲେ। ଫଳରେ ଦୁର୍ବୃତ୍ତମାନେ ଆଣିଥିବା ବାଇକ୍ (ନଂ. ଓଡି୩୫ଏ-୯୭୬୨)କୁ ଗ୍ରାମବାସୀ ପୋଲିସ ଜିମା ଦେଇଛନ୍ତି। ପାଲଲହଡ଼ା ପୋଲିସ ନଂ. ୧୯୫/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ କିଶୋର କୁମାର ସାମଲ ପ୍ରକାଶ କରିଛନ୍ତି।

# ପରଦା ପଛରେ ପୂଜା

- କୋହଳ ହେଲାନି ପାର୍ବଣ କଟକଣା
- ଗତବର୍ଷ ପରି ଆବଦ୍ଧ ହେବ ମଣ୍ଡପ
- ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କଲେ କମିଟି

ଅନୁଗୋଳ ଅଫିସ, ୧୦।୮



ଗତବର୍ଷ ଅନୁଗୋଳ ଦଶହରା ପଡ଼ିଆ ମଣ୍ଡପ ସମ୍ମୁଖକୁ ପାଲରେ ଆବଦ୍ଧ କରାଯାଇଛି।

ଉତ୍ସବ ନୁହେଁ ଜୀବନ ବଡ଼। ଏହି ବାର୍ତ୍ତା ଦେବାକୁ ଯାଇ ରାଜ୍ୟ ସରକାର ପାର୍ବଣ ଋତୁରେ କୋଭିଡ୍ କଟକଣାକୁ ଆଦୌ କୋହଳ କରିନାହାନ୍ତି। କାରଣ ମହାମାରୀର ଦ୍ୱିତୀୟ ଲହରଠାରୁ ତୃତୀୟ ଲହର ଅଧିକ ମାରାତ୍ମକ ସାବ୍ୟସ୍ତ ହେବ ବୋଲି ବିଶେଷଜ୍ଞମାନେ ବହୁ ପୂର୍ବରୁ ସତର୍କ କରାଇ ସାରିଛନ୍ତି। ତେଣୁ ଆଡ଼ମ୍ବରରେ ପୂଜା ପାଳନ, ବିପଦକୁ ଆମନ୍ତ୍ରଣ କରିବା ଭଳି ହେବ। ସେଥିପାଇଁ ଗତବର୍ଷ ପରି ଚଳିତବର୍ଷ ମଧ କେବଳ ପରମ୍ପରା ରକ୍ଷା ପାଇଁ ମଣ୍ଡପଗୁଡ଼ିକରେ ପରଦା ପଛରେ ପୂଜା କରିବାକୁ ଅନୁମତି ଦିଆଯାଇଛି। ରାଜ୍ୟ ସରକାରଙ୍କ ଏପରି ନିୟମ ପୂରା ପାର୍ବଣକୁ ପାଣିଚିଆ କରିଦେଉଥିଲେ ବି ଏହାକୁ ଅନୁଗୋଳର ପୂଜା କମିଟିଗୁଡ଼ିକ ସ୍ୱାଗତ କରିଛନ୍ତି। ସମସ୍ତ କଟକଣା ପାଳନ କରାଯାଇ ଆବଦ୍ଧ ମଣ୍ଡପରେ ଦେବଦେବୀଙ୍କୁ ଆରାଧନା କରାଯିବ ବୋଲି କମିଟି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

ଅନୁଗୋଳର ଗଣପର୍ବ ହେଉଛି ଲକ୍ଷ୍ମୀ ପୂଜା। ମୋଟ୍ ୩୧ଟି ମଣ୍ଡପରେ ମା’ ଲକ୍ଷ୍ମୀଙ୍କୁ ଆରାଧନା କରାଯାଏ। ଏହି କମିଟିଗୁଡ଼ିକୁ ନେଇ ସେଣ୍ଟ୍ରାଲ ପୂଜା କମିଟି ଗଠନ କରାଯାଇଛି। ସେହିପରି ସହରର ୧୦ଟି ମଣ୍ଡପରେ ଦୁର୍ଗାପୂଜା ଓ ୪ଟି ମଣ୍ଡପରେ କାଳୀ ପୂଜା ପାଳନ କରାଯାଇଥାଏ। କିନ୍ତୁ ବିଭିନ୍ନ କ୍ଲବରେ ଗଣେଶପୂଜା ଆୟୋଜନ ବେଳୁ ହିଁ ସହରବାସୀଙ୍କ ମଧରେ ପାର୍ବଣର ପ୍ରକୃତ ଉତ୍ସାହ ଭରିଯାଇଥାଏ। ଏହା ଦୁର୍ଗାପୂଜା, ଲକ୍ଷ୍ମୀପୂଜା ପରେ କାଳୀପୂଜା ଯାଏ ଜାରି ରହେ। କିନ୍ତୁ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଗତବର୍ଷ ପରି ଏଥର ମଧ ଜାକଜମକରେ ପୂଜା ପାଳନକୁ ବାରଣ କରାଯାଇଛି। ତେବେ କମିଟିଗୁଡ଼ିକ ଯେପରି ମଣ୍ଡପ ଓ ପେଣ୍ଡାଲଗୁଡ଼ିକରେ ପୂଜା ପରମ୍ପରା ରକ୍ଷା କରିପାରିବେ ସେଥିପାଇଁ ସମୟ ଥାଉ ଥାଉ ସରକାର ପାର୍ବଣ ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ବିନା ସାଜସଜ୍ଜାରେ ଓ ପାଲ ଘେରା ମଧରେ ଦେବଦେବୀଙ୍କ ଆରାଧନା କରାଯିବ। ପୂଜକ, କମିଟି କର୍ମକର୍ତ୍ତା ଓ କର୍ତ୍ତାଙ୍କୁ ନେଇ ମାତ୍ର ୭ ଜଣ ପୂଜାସ୍ଥଳରେ ରହିପାରିବେ। ମେଲୋଡି, ଭଜନସନ୍ଧ୍ୟା ପରି ସାଂସ୍କୃତିକ କାର୍ଯ୍ୟକ୍ରମ, ଭୋଜି ଆଦି ହୋଇପାରିବ ନାହିଁ। ଏପରି କି ବିସର୍ଜନ ଶୋଭାଯାତ୍ରାକୁ ମଧ ଅନୁମତି ଦିଆଯାଇ ନାହିଁ। ମୂର୍ତ୍ତି ୪ ଫୁଟ ମଧରେ ସୀମିତ ରଖିବାକୁ ସରକାର ନିର୍ଦ୍ଦେଶ ଦେଇଥିବାରୁ ଅନୁଗୋଳର ବିଭିନ୍ନ ପୂଜା କମିଟି ପକ୍ଷରୁ ସେହି ଅନୁଯାୟୀ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ତେବେ ଦୁଇବର୍ଷ ହେଲା ପୂଜା ବେପାରକୁ ଅପେକ୍ଷା କରିଥିବା ବହୁ ବ୍ୟବସାୟୀଙ୍କୁ ପାର୍ବଣ କଟକଣା ନିରାଶ କରିଛି। କିଛିଦିନ ହେଲା କରୋନା ସାମାନ୍ୟ କାବୁରେ ଥିବାରୁ ପୂଜା ବ୍ୟବସାୟକୁ ନେଇ ଆଶାବାଦୀ ଥିବା ବେପାରୀମାନେ ଏଥିପାଇଁ ଆଗୁଆ ପ୍ରସ୍ତୁତି କରିଥିଲେ। ସରକାର କଟକଣା କୋହଳ କରିବେ ବୋଲି ସେମାନେ ଭାବିବା ସହ ବିଭିନ୍ନ ସାମଗ୍ରୀ ପାଇଁ ଆଗୁଆ ବରାଦ ଦେଇଥିଲେ। ହେଲେ ଗାଇଡ୍‌ଲାଇନ୍ ଆସିବା ପରେ ସମ୍ପୃକ୍ତ ବ୍ୟବସାୟୀମାନେ ଆଉ ସାମଗ୍ରୀ କ୍ରୟ କରିବେ ନାହିଁ ବୋଲି କହିଛନ୍ତି।

### ନିର୍ଦ୍ଦେଶ ପାଳନ କରାଯିବ



“ପାର୍ବଣରେ କରୋନା ସଂକ୍ରମଣ ଅଧିକ ବ୍ୟାପିବା ଆଶଙ୍କା ରହିଛି। ତେଣୁ ସରକାର କଡ଼ା କଟକଣା ଲଗାଇଛନ୍ତି। ନିଷ୍ପତ୍ତିକୁ ସ୍ୱାଗତ କରାଯାଉଛି। ଗତବର୍ଷ ଯେଉଁଭଳି ଭାବେ ପୂଜା ହୋଇଥିଲା, ଚଳିତବର୍ଷ ସେପରି ହେବ। ସରକାରଙ୍କ ନିର୍ଦ୍ଦେଶ ପାଳନ କରାଯିବ।

-ଦିଲୀପ ପ୍ରଧାନ, ସମ୍ପାଦକ, ସେଣ୍ଟ୍ରାଲ ପୂଜା କମିଟି

### ମହାମାରୀ ମୁକାବିଲା ସହଜ ହେବ



“ବିନା ଆଡ଼ମ୍ବରରେ ପୂଜା ପାଳନ କରିବାକୁ ସରକାର କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। ଏହାକୁ କମିଟିଗୁଡ଼ିକ ମାନି ନେଇଛନ୍ତି। ଏହାଦ୍ୱାରା ସହରରେ କୋଳାହଳ ପରିବେଶ ସୃଷ୍ଟି ହେବ ନାହିଁ। କୋଭିଡ୍ ସଂକ୍ରମଣ ମଧ ଅଧିକ ଭୟାବହ ହେବନାହିଁ ଓ ମୁକାବିଲା ସରକାରଙ୍କ ପାଇଁ ସହଜ ହୋଇପାରିବ।

-ବୀରେନ୍ଦ୍ର ନାୟକ, ସଭାପତି, ପଞ୍ଚାୟତ ଇଣ୍ଡଷ୍ଟ୍ରି ଲକ୍ଷ୍ମୀନାରାୟଣ ପୂଜା କମିଟି

### ସହରବାସୀ ମନଉଣା କରିବେ



“କୋଭିଡ୍ ପାଇଁ ଗତବର୍ଷ ସହରରେ ପୂଜାର ବାତାବରଣ ନ ଥିଲା। ମଣ୍ଡପଗୁଡ଼ିକର ସମ୍ମୁଖକୁ ପାଲରେ ଆବଦ୍ଧ କରାଯାଇ ପୂଜା ହେଲା। ଚଳିତବର୍ଷ ମଧ ସେହି ପ୍ରକାରେ ପୂଜା ପାଳନ କରାଯିବ। ହେଲେ ଦୁଇବର୍ଷ ହେଲା ପାର୍ବଣରୁ ବଞ୍ଚିତ ଅନୁଗୋଳ ସହରବାସୀ ନିଶ୍ଚିତ ମନଉଣା କରିବେ।

-ପ୍ରତାପ ମାଝି, ସଭାପତି, ସଞ୍ଜୀବନୀ ମାର୍କେଟ ଲକ୍ଷ୍ମୀ ପୂଜା କମିଟି

### କିଛି ବିକଳ୍ପ ନାହିଁ



“ପ୍ରତିବର୍ଷ ଶିମିଳିପଡ଼ାରେ ବଙ୍ଗୀୟ ରୀତିନୀତିରେ ପୂଜା ହୋଇଥାଏ। ଦଶମୀରେ ସିନ୍ଦୂର ଖେଳ ନିଆରା ପରିବେଶ ସୃଷ୍ଟି କରିଥାଏ। କିନ୍ତୁ ଦୁଇବର୍ଷ ହେଲା କୋଭିଡ୍ ସଂକ୍ରମଣ ଏପରି ସ୍ଥିତି ସୃଷ୍ଟି କରିଛି ଯେ, କଟକଣା ମଧରେ ହିଁ ପୂଜା ପାଳନ କରାଯିବ। ଏହାଛଡ଼ା ଅନ୍ୟ କିଛି ବିକଳ୍ପ ନାହିଁ।

-ଅକ୍ଷୟ କୁମାର ଦାଶ, କାର୍ଯ୍ୟକାରୀ ସଭାପତି, ଶିମିଳିପଡ଼ା ଦୁର୍ଗାପୂଜା କମିଟି

# ଅନୁଗୋଳରେ ପଡ଼ିଥିଲା ଅଗଷ୍ଟ କ୍ରାନ୍ତି ପ୍ରଭାବ



ଗାନ୍ଧୀ ପାର୍କ ଠାରେ ଅଗଷ୍ଟ କ୍ରାନ୍ତି ଦିବସ ପାଳନ ହେଉଛି।

ଅନୁଗୋଳ ଅଫିସ, ୧୦।୮

ଅନୁଗୋଳ ଗାନ୍ଧୀ ପାର୍କ ଠାରେ ସୋମବାର ଅଗଷ୍ଟ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ରାଷ୍ଟ୍ରୀୟ ଯୁବ ସଙ୍ଗଠନ ଓ ନବ ମାଳତୀ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ବିଶ୍ୱରଞ୍ଜନ ପଟ୍ଟନାୟକ, ସାମାଜିକ କର୍ମୀ କଲ୍ୟାଣ କିଶୋର ମହାନ୍ତି, ବିଦ୍ୟାଧର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ସିତୁ ନାୟକ, ଆଦ୍ୟଶ୍ଳୋକ ମିଶ୍ର, ରଶ୍ମିରଞ୍ଜନ ସାହୁ, ଅନିରୁଦ୍ଧ ନାୟକ, ଦିବ୍ୟଜ୍ୟୋତି ନାୟକ ଓ ଛବିନ୍ଦର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ କହିଥିଲେ ଯେ, ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ କ୍ରାନ୍ତି ଦିବସରେ ମହାତ୍ମା ଗାନ୍ଧୀଙ୍କ ଡାକରାକୁ ବିପୁଳ ଜନସମର୍ଥନ ମିଳିଥିଲା। ଆଦିବାସୀ, ଚାଷୀମୂଲିଆ ଠାରୁ ଆରମ୍ଭ କରି ସହରର ଶ୍ରମିକ, ଛାତ୍ର ସବୁ ବର୍ଗର ଲୋକ ଏଥିରେ ସାମିଲ ହୋଇଥିଲେ। ଏହି ଦିବସର ପ୍ରଭାବ ଓଡ଼ିଶାର ବାଲେଶ୍ୱର, କଟକ, କୋରାପୁଟ ଓ ଅନୁଗୋଳରେ ଅଧିକ ମାତ୍ରାରେ ପଡ଼ିଥିଲା ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

# ଅପହରଣ ଅଭିଯୁକ୍ତ ଗିରଫ

ଅନୁଗୋଳ ଅଫିସ, ୧୦।୮

ଅନୁଗୋଳ ସହରର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଅନୁଗୋଳ ପୋଲିସ ଜଣେ ବିବାହିତ ଯୁବକଙ୍କୁ ଗିରଫ କରିଛି। ନାବାଳିକାଙ୍କ ମା’ଙ୍କ ଅଭିଯୋଗ ଆଧାରରେ ନଂ. ୩୯୪/୨୧ରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି। ଗିରଫ ଅଭିଯୁକ୍ତ ହେଲେ ସଦରଥାନା ଲିଙ୍ଗରାଯୋଡ଼ି ଅଞ୍ଚଳର ପ୍ରଭାତ ସାହୁ(୨୬)। ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଅନ୍ୟପକ୍ଷରେ ଉଦ୍ଧାର ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି। ଅଭିଯୁକ୍ତ ପ୍ରଭାତ ତାଙ୍କୁ ଅପହରଣ କରିନେଇ ଶାରୀରିକ ସମ୍ପର୍କ ରଖିଥିବା ନାବାଳିକା ପୋଲିସ ଆଗରେ କହିଛନ୍ତି।

# ପଞ୍ଚାୟତ ନିର୍ବାଚନ ପାଇଁ ଯତ୍ନବାନ ହୁଅ




ବୈଠକରେ ବିଧାୟକଙ୍କ ସହ ଦଳୀୟ କର୍ମକର୍ତ୍ତାମାନେ।

ବଇଣ୍ଡା,୧୦।୮(ଡି.ଏନ.ଏ.)

ଆଜିର ସମୟରେ ଛାତ୍ର ସମାଜ ଏକଜୁଟ ହେବାର ଆବଶ୍ୟକତା ରହିଛି। ଯୁବ, ଛାତ୍ର ସମାଜ ଦ୍ୱାରା ଗ୍ରାମାଞ୍ଚଳର ବିକାଶ ହେବ। ନବୀନ ସରକାର ସବୁବେଳେ ଯୁବ, ଛାତ୍ରଙ୍କୁ ପ୍ରାଧାନ୍ୟ ଦେଇଆସୁଛନ୍ତି। ସେମାନେ ଆଗାମୀ ଦେଶର ଭବିଷ୍ୟତ। ମଙ୍ଗଳବାର କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ବ୍ଲକସ୍ତରୀୟ ବିଜୁ ଛାତ୍ର ଜନତା ଦଳ କର୍ମକର୍ତ୍ତାଙ୍କ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଠମଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଏହି ମତ ପ୍ରକାଶ କରିଛନ୍ତି। କିଶୋରନଗର ବ୍ଲକ ବିଜେଡି ସଭାପତି କୁମୁନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅନ୍ୟତମ ଅତିଥି ଭାବେ ପର୍ଯ୍ୟବେକ୍ଷକ ରାଜେଶ ସ୍ୱାଇଁ, ଶଶିକାନ୍ତ ମିଶ୍ର, ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ରାଜୀବ ଲୋଚନ ଦାସ, କିଶୋରନଗର ବ୍ଲକ ଅଧକ୍ଷା ବବିତା ପ୍ରଧାନ, ଆଠମଲିକ ବ୍ଲକ ଅଧକ୍ଷା ମିନାକ୍ଷୀ ଦଳେଇ, ଆଠମଲିକ ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଏଥିସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ଛାତ୍ର ବିଜେଡି ପକ୍ଷରୁ କିଭଳି ପୂର୍ଣ୍ଣ ସହଯୋଗ କରାଯିବ ସେଥିପ୍ରତି ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ବ୍ଲକ ଯୁବ ବିଜେଡି ସଭାପତି ଅରୁଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂତନ କର୍ମକର୍ତ୍ତା ଚୟନ

ଛେଣ୍ଡିପଦା,୧୦।୮(ସ୍ୱ.ପ୍ର.)

ଛେଣ୍ଡିପଦା ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିର କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏ ନେଇ ଜଗନ୍ନାଥ ଗ୍ରାମ ସଭାପତି ଚନ୍ଦ୍ରମଣି ପ୍ରଧାନଙ୍କ ନେତୃତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଗ୍ରାମ ଉପସଭାପତି ସୁଦୀପ୍ତ ପ୍ରଧାନଙ୍କ ସମେତ ପରିଚାଳନା କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ମନ୍ଦିର ଗ୍ରାମ କମିଟି ସହଯୋଗରେ ପରିଚାଳିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହାପରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଲମ୍ବୋଦର ପ୍ରଧାନ, ଉପସଭାପତି ହୃଦାନନ୍ଦ ପ୍ରଧାନ, ସମ୍ପାଦକ ରଞ୍ଜନ ବେହେରା, ସହ ସମ୍ପାଦକ କପିଳେଶ୍ୱର ସାହୁ, କୋଷାଧକ୍ଷ ସୁଦାମ ଚରଣ ବେହେରାଙ୍କୁ ଚୟନ କରାଯାଇଥିଲା। ଉପଦେଷ୍ଟା ଭାବେ ଅଗସ୍ତି ବେହେରା, ଅଶୋକ କୁମାର ପ୍ରଧାନ, ତ୍ରିନାଥ ବେହେରା, ଦଣ୍ଡଧର ଦେହୁରୀ, ଯଶୋବନ୍ତ ପ୍ରସାଦ ବେହେରା, ଗୋବିନ୍ଦଚନ୍ଦ୍ର ପ୍ରଧାନ, ଜୟକୃଷ୍ଣ ପ୍ରଧାନ ଓ ଛେଣ୍ଡିପଦା ବଜାର କମିଟି ସଭାପତି ଏବଂ ଯୁବମଞ୍ଚ ସଭାପତିଙ୍କ ସମେତ ବହୁ ବ୍ୟକ୍ତିଙ୍କୁ କମିଟିରେ ସ୍ଥାନ ଦିଆଯାଇଥିଲା।

# ବଡ଼ହିଁସର ପଞ୍ଚାୟତରେ ମିଶ୍ରଣ ପର୍ବ

ଛେଣ୍ଡିପଦା,୧୦।୮(ସ୍ୱ.ପ୍ର.)



ମିଶ୍ରଣ ପର୍ବରେ ବିଧାୟକଙ୍କ ସହ କର୍ମକର୍ତ୍ତା ଓ କର୍ମୀମାନେ।

ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଅଁରପାଳ ବ୍ଲକ ବଡ଼ହିଁସର ପଞ୍ଚାୟତର ମା’ ଖୁମ୍ବେଶ୍ୱରୀ ପୀଠରେ ବିଜୁ ଜନତା ଦଳ ପକ୍ଷରୁ ସୋମବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଦଳର ଜିଲା ସମ୍ପାଦକ ଲକ୍ଷ୍ମୀକାନ୍ତ ସାହୁ ଏହାର ନେତୃତ୍ୱ ନେଇଥିଲେ। ଏଥିରେ ବଡହିଁସର ଓ କରା ପଞ୍ଚାୟତରେ ଥିବା ଭାଜପା ଓ କଂଗ୍ରେସର ୬୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଉକ୍ତ ଦୁଇ ପଞ୍ଚାୟତର ୫ ଶହରୁ ଅଧିକ କର୍ମୀ ବିଜେଡିରେ ସାମିଲ ହେବେ ବୋଲି ସୂଚନା ଦିଆଯାଇଥିଲା। ଏହି ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇ ନୂତନ କର୍ମୀଙ୍କୁ ଦଳରେ ସାମିଲ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧରେ ଦଳର ଜିଲା ସଭାପତି ମହେନ୍ଦ୍ର ବସ୍ତିଆ, ଜିଲା ଯୁବ ବିଜେଡି ସଭାପତି ଦିନେଶ ପ୍ରଧାନ, ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଦାସ, ବରିଷ୍ଠ ନେତା ପରମାନନ୍ଦ ସାହୁ, ପର୍ଯ୍ୟବେକ୍ଷକ ମଦନମୋହନ ସାହୁ, ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ଅନୀଲ କୁମାର ପ୍ରଧାନ, ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଧାୟକ ବଅଁରପାଳ ବ୍ଲକର କରା, ସାନ୍ତରାପୁର ଓ ବଡହିଁସର ପଞ୍ଚାୟତରେ ମାସ୍କ ବଣ୍ଟନ କରିଥିଲେ। ଏହା ସହିତ ଗ୍ରାମରେ ୮୦ ହଜାର ଲିଟର କ୍ଷମତା ବିଶିଷ୍ଟ ଏକ ପାନୀୟ ଜଳପ୍ରକଳ୍ପ ଉଦ୍‌ଘାଟନ କରିଥିଲେ।

# ଜମିପଟ୍ଟା, ଘର ଯୋଗାଇବାକୁ ଦାବିପତ୍ର

ଆଠମଲ୍ଲିକ,୧୦।୮(ଡି.ଏନ.ଏ.)

ଜମିପଟ୍ଟା ପାଇ ନ ଥିବା ଆଦିବାସୀ ପରିବାରକୁ ଜମିପଟ୍ଟା ଓ ଘର ଯୋଗାଇ ଦେବାକୁ ଆଠମଲ୍ଲିକ ଭାଜପା ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ଉପଜିଲାପାଳ ଲଳିତମୋହନ ବେହେରାଙ୍କୁ ପ୍ରଦାନ କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି ଯେ, ଆଠମଲ୍ଲିକ ବ୍ଲକ ନଳେଶ୍ୱର ଗ୍ରାମରେ ଶବର ସମ୍ପ୍ରଦାୟର ୩୦ ଆଦିବାସୀ ପରିବାର ଦୀର୍ଘ ୮୦ ବର୍ଷ ହେଲା ସରକାରୀ ଜମିରେ ରହିଆସୁଛନ୍ତି। ସେମାନଙ୍କୁ ଏଯାଏ ଜମି ପଟ୍ଟା ମିଳିନାହିଁ। ଫଳରେ ଅତ୍ୟନ୍ତ ଗରିବ ଶ୍ରେଣୀର ଏହି ପରିବାରକୁ ଆବାସ ଯୋଜନାରେ ଘର ଖଣ୍ଡେ ମିଳିପାରୁ ନାହିଁ। ତେଣୁ ପ୍ରଶାସନ ତୁରନ୍ତ ଜମିପଟ୍ଟା ସହ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦେଉ ବୋଲି ଭାଜପା ପକ୍ଷରୁ ଦାବି କରାଯାଇଛି। ସେହିପରି ମୋ ସ୍କୁଲ ଯୋଜନାରେ ଆସୁଥିବା ବିଭିନ୍ନ କାର୍ଯ୍ୟକୁ ଟେଣ୍ଡର ମାଧମରେ ଓ ସ୍କୁଲ କମିଟି କର୍ମକର୍ତ୍ତାଙ୍କ ସହାୟତାରେ କରାଯିବାକୁ ଦଳ ପକ୍ଷରୁ ସ୍ଥାନୀୟ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭାଜପା ଯୁବ ନେତା ଭବାନୀଶଙ୍କର ଜ୍ୟୋତିଷରାୟ, ସଂକୀର୍ତ୍ତନ ମେଷ୍ଟୁଲୀ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ଗ୍ରହଣ ସହ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ କହିଛନ୍ତି।



ଆଠମଲ୍ଲିକ ଉପଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

# ‘କାର୍ଯ୍ୟାନୁଷ୍ଠାନ ନ ହେବା ଯାଏ ଆନ୍ଦୋଳନ’

**ଓକିଲ ସଂଘର ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ**

ଢେଙ୍କାନାଳ ଅଫିସ, ୧୦।୮

ଢେଙ୍କାନାଳ ଜିଲା ଓକିଲ ସଂଘର ସଭାପତି ଏବଂ ଅନ୍ୟ ଜଣେ ସଦସ୍ୟଙ୍କ ନାମରେ ଟାଉନ ଥାନାରେ ମାମଲା ରୁଜୁ କରାଯିବା ପ୍ରତିବାଦରେ ୫ ଦଫା ଦାବି ନେଇ ମଙ୍ଗଳବାର ଆଇନଜୀବୀ ସଂଘ ପକ୍ଷରୁ ଶୋଭାଯାତ୍ରା କରାଯାଇଛି। ସଂଘର କର୍ମକର୍ତ୍ତାମାନେ ଏସ୍‌ପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବା ଯାଏ କୋର୍ଟ ବର୍ଜନ କରାଯିବ। ସୋମବାର ଆୟୋଜିତ ସାଧାରଣ ବୈଠକରେ ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ସେ ପର୍ଯ୍ୟନ୍ତ ସିଏସ୍‌ଆଇ କୋର୍ଟ କାର୍ଯ୍ୟାଳୟରେ ତାଲା ପଡ଼ିବ ବୋଲି ସଭାପତି ସଞ୍ଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି।

ପୂର୍ବାହ୍ନ ସାଢ଼େ ୧୧ଟାରେ ଓକିଲ ସଂଘ ସଦସ୍ୟମାନେ କୋର୍ଟ ପରିସରରୁ ଶୋଭାଯାତ୍ରାରେ ବାହାରି ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସଭାପତିଙ୍କ ସମେତ ୧୦ ଜଣ ସଦସ୍ୟ ଏସ୍‌ପିଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ସଂଘ ସଭାପତି ଏବଂ ଅନ୍ୟ ଜଣେ ସଦସ୍ୟଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରାଯାଇଥିବା ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଟାଉନ ଥାନାରେ ରୁଜୁ ହୋଇଥିବା ୨ ମାମଲାକୁ ତୁରନ୍ତ ପ୍ରତ୍ୟାହାର କରିବା, ଥାନାଧିକାରୀ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିବା, ଟାଉନ ଥାନାଧିକାରୀଙ୍କୁ ତୁରନ୍ତ ବଦଳି ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ୨୪ ଘଣ୍ଟା ମଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସଂଘ ପକ୍ଷରୁ ଦାବି କରାଯାଇଛି।

ଏ ସଂକ୍ରାନ୍ତରେ ଏସ୍‌ପି କେ. ଶିବା ସୁବ୍ରମଣି କୁହନ୍ତି, ଓକିଲ ସଂଘ ସହିତ ଆଲୋଚନା ହୋଇଛି। ସଂଘର ଦାବି ଅନୁଯାୟୀ ରୁଜୁ ହୋଇଥିବା ମାମଲାର ସତ୍ୟାସତ୍ୟର ତଦନ୍ତ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା କରାଯିବ। ଏହାପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ସିଏସ୍‌ଆଇ କୋର୍ଟ କାର୍ଯ୍ୟାଳୟକୁ ଖୋଲିବା ପାଇଁ ସଂଘ ପ୍ରତିନିଧିଙ୍କୁ ଅନୁରୋଧ କରାଯାଇଛି। ବୁଧବାର ଆଇନଜୀବୀଙ୍କ ଏକ ବୈଠକ ବସିବାକୁ ଥିବାବେଳେ ଏ ସଂକ୍ରାନ୍ତରେ ଆଲୋଚନା କରି ନିଷ୍ପତ୍ତି ନେବେ ବୋଲି ସେମାନେ କହିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଆଲୋଚନାବେଳେ ଓକିଲ ସଂଘ ସମ୍ପାଦକ ଟଙ୍କଧର ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଶୋଭାଯାତ୍ରାକୁ ନଜରରେ ରଖି ଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ଏସ୍‌ପିଙ୍କ କାର୍ଯ୍ୟାଳୟରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



ଶୋଭାଯାତ୍ରାରେ ଆଇନଜୀବୀମାନେ।

